# <u>ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ- ୨୦୨୬-୨୭</u>

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ୍ **୩୪ ହଜାର ୧୦୪ କୋଟି ୦୬ ଲକ୍ଷ ୨୬ ହଜାର ଟଙ୍କା** ବ୍ୟୟ ଅଟକଳ ହୋଇଛି । ତନ୍ମଧ୍ୟରୁ ୨୫ ହଜାର ୧୦୩ କୋଟି ୩୨ ଲକ୍ଷ ୩୭ ହଜାର ଟଙ୍କା ଯୋଜନା ସମ୍ବନ୍ଧୀୟ ବ୍ୟୟ ବାବଦରେ ଏବଂ ୧୭୧୨ କୋଟି ୮୧ ଲକ୍ଷ ୭୯ ହଜାର ଟଙ୍କା ପ୍ରଶାସନିକ ବ୍ୟୟ ବାବଦରେ ପ୍ରସ୍ତାବ ରଖାଯାଇଅଛି ।ପୁନଶ୍ଚ ଷୋଡଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଅଧୀନରେ ୨ ହଜାର ୪ ଶହ ୪ କୋଟି ୧୦ ହଜାର ଟଙ୍କା ଏବଂ ଷଷ୍ଠ ରାଜ୍ୟ ଅର୍ଥ ଆୟୋଗ ଅଧୀନରେ ୪ ହଜାର ୮ ଶହ ୮୩ କୋଟି ୯୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

ଚଳିତ ଆର୍ଥିକ ବର୍ଷ ନିମନ୍ତେ ହୋଇଥିବା ବଜେଟ ଅଟକଳ ୨୦୨୫-୨୬ ଆର୍ଥିକ ବର୍ଷ ତୁଳନା ରେ ପ୍ରାୟତଃ ୧୭ ପ୍ରତିଶତ ଅଧିକ।

ବିଭିନ୍ନ ଯୋଜନା ଓ ଅଣ ଯୋଜନା ର କାର୍ଯ୍ୟକ୍ରମ ସମ୍ବନ୍ଧିୟ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରୁଅଛି।

## <u>ଗ୍ରାମୀଣ ଗୃହ ନିର୍ମାଣ:</u>

ଗ୍ରାମାଞ୍ଚଳରେ କଚ୍ଚା ଘରେ ବସବାସ କରୁଥିବା କିମ୍ବା ବାସହୀନ ଥିବା ସମସ୍ତ ଯୋଗ୍ୟ ପରିବାରଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ଆର୍ଥିକ ବର୍ଷ ୨୦୧୪-୧୫ ଠାରୁ ଅଦ୍ୟାବଧି ୪୦ ଲକ୍ଷରୁ ଉର୍ଦ୍ଧ୍ୱ ପକ୍କା ଘର ନିର୍ମାଣ କରି ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ଆମ ରାଜ୍ୟ ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟରୂପେ ପରିଗଣିତ ହୋଇପାରିଛି।ବର୍ତ୍ତମାନ ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଅଧୀନରେ ନିମ୍ନ ଲିଖିତ ଯୋଜନା ଗୁଡିକ କାର୍ଯ୍ୟକାରୀ ହେଉଅଛି :

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ
- ଅନ୍ତ୍ୟୋଦୟ ଗୃହ ଯୋଜନା
- ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ- (ପି. ଏମ୍ ଜନମନ ) ଗୃହ ଯୋଗାଣ

### <u>ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ</u>

ଆର୍ଥିକ ବର୍ଷ ୨୦୧୬-୧୭ ରୁ ପ୍ରଚଳିତ ଥିବା "ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ" ଯୋଜନାରେ ବର୍ତ୍ତମାନ ସୁଦ୍ଧା ୨୮,୦୭,୧୯୧ ପରିବାରଙ୍କୁ ଗୃହ ମଞ୍ଜୁର କରଯାଇଛି ଓ ତନ୍ମଧ୍ୟରୁ ୨୫,୨୧,୩୦୮ ଗୃହର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଆର୍ଥିକ ବର୍ଷ ୨୦୨୫-୨୬ରେ ଏହି ଯୋଜନାରେ ୯୦୬.୦୨ କୋଟି ଟଙ୍କା ବିନିଯୋଗ ହୋଇଛି ଓ ୧,୫୪,୨୯୯ଟି ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇଛି ।ଏହି ଯୋଜନା ଅଧିନରେ ହୋଇଥିବା ସର୍ଭେ ମାଧ୍ୟମରେ ବାଦ ପଡିଥିବା ୩୭.୮୯ଲକ୍ଷ

ପରିବାରଙ୍କୁ ପ୍ରାରମ୍ଭିକ ହିସାବରେ ଚିହ୍ନଟ କରାଯାଇଛି ଏବଂ ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ଯୋଗ୍ୟ ପରିବାରଙ୍କୁ ପର୍ଯ୍ୟାୟକ୍ରମେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଗୃହ ମଞ୍ଜୁର କରାଯିବ।

**ଏହି ଯୋଜନାରେ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ୨୪୪୫ କୋଟି ଟଙ୍କାର ବଜେଟ ପ୍ରାବଧାନ ରଖାଯାଇଛି ।**

**ଅନ୍ତ୍ୟୋଦୟ ଗୃହ ଯୋଜନା**

"ଅନ୍ତ୍ୟୋଦୟ ଗୃହ ଯୋଜନାରେ" ଗୃହହୀନ କିମ୍ବା କଚ୍ଚା ଘରେ ରହୁଥିବା, ପ୍ରାକୃତିକ/ମନୁଷ୍ୟକୃତ ବିପର୍ଯ୍ୟୟରେ କ୍ଷ୍ୟତିଗ୍ରସ୍ତ, ସରକାରୀ ପ୍ରକଳ୍ପ ସ୍ଥାପନ ପାଇଁ ସ୍ଥାନାନ୍ତରିତ ପରିବାର, ଭିନ୍ନକ୍ଷମ ଓ ଦୁରାରୋଗ୍ୟ ରୋଗଗ୍ରସ୍ତ ପରିବାର ମୁଖ୍ୟ ଇତ୍ୟାଦିଙ୍କୁ ଅନ୍ତର୍ଭୁକ୍ତ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ସମୁଦାୟ ୧,୫୮,୬୦୦ ପରିବାରଙ୍କୁ ଗୃହ ମଞ୍ଜୁର କରାଯାଇଛି ଓ ତନ୍ମଧ୍ୟରୁ ୬୧,୩୪୧ ଗୋଟି ଘର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି ।ଏହି ଯୋଜନାରେ ସମୁଦାୟ ୨୧୦୭.୬୨ କୋଟି ପ୍ରାପ୍ତ ହୋଇଛି ଓ ତନ୍ମଧ୍ୟରୁ ୧୩୨୧.୬୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।ଆର୍ଥିକ ବର୍ଷ ୨୦୨୫-୨୬ରେ ଏହି ଯୋଜନାରେ ୧୩୦୩.୮୫ କୋଟି ଟଙ୍କା ବିନିଯୋଗ ହୋଇଛି ଓ ୬୧,୩୪୧ଟି ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇଛି ।

**ଏହି ଯୋଜନାରେ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ୨୦୦୦କୋଟି ଟଙ୍କାର ବଜେଟ ପ୍ରାବଧାନ ରଖାଯାଇଛି ।**

**ପି. ଏମ୍ ଜନମନ (ଗୃହ ଯୋଗାଣ)**

"ପ୍ରଧାନମନ୍ତ୍ରୀ ଜନମନ" ରେ ୪୧,୧୩୧ ଗୋଟି ବିଶେଷତଃ ସମ୍ବେଦନଶୀଳ ଆଦିବାସୀ ପରିବାର (PVTG) କୁ ପକ୍କା ଘର ମଞ୍ଜୁର କରାଯାଇଛି ଓ ତନ୍ମଧ୍ୟରୁ ୨୯,୫୦୩ ଗୋଟି ଘର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି ।ଏହି ଯୋଜନାରେ ୪୯୮.୨୩ କୋଟି ଟଙ୍କା (କେନ୍ଦ୍ରୀୟ ଅଂଶଧନ: ୨୯୮.୯୪ କୋଟି, ରାଜ୍ୟ ଅଂଶଧନ: ୧୯୯.୨୯ କୋଟି) ପ୍ରାପ୍ତ ହୋଇଛି ଓ ତନ୍ମଧ୍ୟରୁ ୩୩୦.୭୩ କୋଟି ଟଙ୍କା ବିନିଯୋଗ ହୋଇଛି।ଆର୍ଥିକ ବର୍ଷ ୨୦୨୫-୨୬ରେ ଏହି ଯୋଜନାରେ ୩୦୧.୦୭ କୋଟି ଟଙ୍କା ବିନିଯୋଗ ହୋଇଛି ଓ ୧୯,୫୪୫ଟି ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇଛି ।

**ଏହି ଯୋଜନାରେ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ୩୦ କୋଟି ଟଙ୍କାର ବଜେଟ ପ୍ରାବଧାନ ରଖା ଯାଇଛି ।**

## ବିକଶିତ ଭାରତ- ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ(ଗ୍ରାମୀଣ)

## ବିକଶିତ ଭାରତ- ଜି ରାମ ଜି (VB - G RAM G), ୨୦୨୫ ର ମୁଖ୍ୟ ବିଶେଷତ୍ୱ

- **'ବିକଶିତ ଭାରତ୨୦୪୭ ଆଭିମୁଖ୍ୟ'**କୁ ଲକ୍ଷ୍ୟ ରଖି ବିକଶିତ ଭାରତ- ଜି ରାମ ଜି (VB - G RAM G), ୨୦୨୫, ନୂତନଯୋଜନା ଆରମ୍ଭ ହେଉଛି। ମନରେଗା (MGNREGA) ବଦଳରେ ଏହା କାର୍ଯ୍ୟକାରୀ ହେବ ।
- ଗ୍ରାମୀଣ ପରିବାରର ଆୟକୁ ସୁନିଶ୍ଚିତ କରିବା ପାଇଁ VB - G RAM G ଯୋଜନାରେ କର୍ମ ନିଯୁକ୍ତିର ଅବଧିକୁ ବାର୍ଷିକ **୧୦୦ଦିନରୁ ୧୨୫** ଦିନକୁ ବୃଦ୍ଧି କରାଯାଇଛି। ଅର୍ଥାତ ଗ୍ରାମାଞ୍ଚଳର ଗୋଟିଏ ପରିବାର ବର୍ତ୍ତମାନ ଅତି କମରେ ୧୦୦ ଦିନ ବଦଳରେ ୧୨୫ ଦିନ ନିଶ୍ଚିତ କର୍ମ ନିଯୁକ୍ତି ପାଇବାକୁ ହକଦାର ହେବେ ।
- ଗ୍ରାମ ପଞ୍ଚାୟତ ଏହାର "ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା→ ପ୍ରସ୍ତୁତ କରିବେ। ପ୍ରକଳ୍ପ ଗୁଡ଼ିକର ଯୋଜନା ଗ୍ରାମସଭା ମାଧ୍ୟମରେ ହିଁ ସ୍ଥିର କରାଯିବ,ଯେଉଁଥିରେ ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣ ରହିବ ।
- **କୃଷି ପାଇଁ ବିରତି:** ଚାଷ ସମୟରେ ଶ୍ରମିକଙ୍କ ଉପଲବ୍ଧତା ନିଶ୍ଚିତ କରିବା ପାଇଁ ବାର୍ଷିକ ସର୍ବମୋଟ **୬୦ ଦିନ କାମ** ବନ୍ଦ ରହିବ। ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ୪ଟି ମୌଳିକ କ୍ଷେତ୍ରରେ ସ୍ଥାୟୀ ଗ୍ରାମୀଣ ଭିତ୍ତିଭୂମି ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଛି ଯଥା -୧. ଜଳ ସୁରକ୍ଷା ଏବଂ ସଂରକ୍ଷଣ ସମ୍ବନ୍ଧୀୟ କାର୍ଯ୍ୟ, ୨. ଗ୍ରାମୀଣ ଭିତ୍ତିଭୂମି ସମ୍ବନ୍ଧୀୟ କାର୍ଯ୍ୟ, ୩. ଜୀବିକା ବୃଦ୍ଧି ସମ୍ବନ୍ଧୀୟ କାର୍ଯ୍ୟ, ୪. ଜଳବାୟୁ ପରିବର୍ତ୍ତନ ଏବଂ ପ୍ରତିକୂଳ ପାଣିପାଗ ପରିସ୍ଥିତିର ମୁକାବିଲା ପାଇଁ କାର୍ଯ୍ୟକ୍ରମ।
- **ମଜୁରୀପ୍ରଦାନ:** କାମ ସରିବାର ଏକସପ୍ତାହ କିମ୍ବା ସର୍ବାଧିକ ୧୫ଦିନ ମଧ୍ୟରେ ମଜୁରୀ ପ୍ରଦାନ କରାଯିବ।
- **ବେରୋଜଗାରୀ ଭତ୍ତା:** ଯଦି କାମ ମଗାଯିବାର ୧୫ ଦିନ ମଧ୍ୟରେ କାମ ଯୋଗାଇ ଦିଆନଯାଏ, ତେବେ ରାଜ୍ୟ ସରକାର ଦୈନିକ ବେରୋଜଗାରୀ ଭତ୍ତା ପ୍ରଦାନ କରିବେ।
- 'ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା' ମାଧ୍ୟମରେ ବିକେନ୍ଦ୍ରୀ କୃତ ପରିକଳ୍ପନା ଏବଂ '**ବିକଶିତ ଭାରତ ଜାତୀୟ ଗ୍ରାମୀଣ ଭିତ୍ତିଭୂମି ଷ୍ଟାକ** ମାଧ୍ୟମରେ ଏହାକୁ ଜାତୀୟ ସ୍ତରରେ ପି.ଏମ୍. ଗତିଶକ୍ତି ସହ ସମନ୍ୱିତ କରାଯାଉଛି।ଏହା ଦ୍ୱାରା ପ୍ରକଳ୍ପ ଚୟନ ଓ କାର୍ଯ୍ୟାନ୍ୱୟନ ସୂଚାରୁ ରୂପେ କରାଯାଇପାରିବ ।
- କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଖର୍ଚ୍ଚର ଅନୁପାତ ପରିବର୍ତ୍ତନ ଫଳରେ ପାରଦର୍ଶିତା, ଉତ୍ତରଦାୟିତ୍ୱ ଏବଂ କେନ୍ଦ୍ର-ରାଜ୍ୟ ସହଭାଗିତା ବୃଦ୍ଧି ପାଇବ ।
- କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଆଧାରରେ ରାଜ୍ୟ ପାଇଁ ନିର୍ଦ୍ଧାରିତ ପାଣ୍ଠି (Normative Funding) ଆବଣ୍ଟନ କରାଯିବ ।

- ଶକ୍ତିଶାଳୀ ଡିଜିଟାଲ ପ୍ରଣାଳୀ ମାଧ୍ୟମରେ  ପାରଦର୍ଶିତା, ଉତ୍ତରଦାୟିତ୍ୱ ଏବଂ ଦାୟିତ୍ୱବୋଧ ସୁନିଶ୍ଚିତ କରାଇବା । ନୂତନ ଆଇନ ଅନୁଯାୟୀ, କୃତ୍ରିମବୁଦ୍ଧିମତା (AI) ଏବଂ ବାୟୋମେଟ୍ରିକ ଚିହ୍ନଟ ବ୍ୟବସ୍ଥା ମାଧ୍ୟମରେ ଅନିୟମିତତା ରୋକାଯିବ। ପ୍ରତି ଛଅମାସରେ ଅନ୍ତତଃପକ୍ଷେ ଥରେ ସାମାଜିକ ଅଡିଟ୍ (Social Audit) କରାଯିବା ବାଧ୍ୟତାମୂଳକ। ଜିପିଏସ (GPS) ଏବଂ ମୋବାଇଲ୍ ଆପ୍ ମାଧ୍ୟମରେ କାର୍ଯ୍ୟର ବାସ୍ତବ ସମୟ ଅନୁଧ୍ୟାନ କରାଯିବ।
- ବିଭିନ୍ନ ଯୋଜନା ସହ ସମନ୍ୱୟରେ ଏହା ଗ୍ରାମୀଣ ରୋଜଗାର ଓ ଦୀର୍ଘକାଳୀନ ବିକାଶ ଲକ୍ଷ୍ୟକୁ ହାସଲ କରିବା ସହିତ ଶ୍ରମିକ ମାନଙ୍କର ଅଧିକାର ଓ ଆୟ ସୁରକ୍ଷାକୁ ସୁନିଶ୍ଚିତ କରିବ ।
- ପୂର୍ବରୁ ମନରେଗା କାର୍ଯ୍ୟାନ୍ୱୟନ ରେ ଆର୍ଥିକ ଅନିୟମିତତା, କାର୍ଯ୍ୟାନ୍ୱୟନ ରେ ତ୍ରୁଟି ନେଇ ଅନେକ ଅଭିଯୋଗ ଆସୁଥିବାର ନଜିର ଥିବାରୁ ନୂତନ VB - G RAM G ଯୋଜନାରେ ରାଜ୍ୟ ସରକାରଙ୍କ ଦାୟିତ୍ୱ ବୃଦ୍ଧି ଯୋଗୁ ଏହାକୁ ରୋକାଯାଇପାରିବ ।

ମନରେଗାରେ ଥିବା ତ୍ରୁଟିକୁ ନୂତନ ଆଇନରେ ଦୂର କରାଯାଇଛି ।ଏଥିରେ ନିଶ୍ଚିତ ନିଯୁକ୍ତିର ଅବଧିକୁ ବଢ଼ା ଯାଇଛି ଏବଂ ବ୍ୟବସ୍ଥାରେ ସ୍ୱଚ୍ଛତା, ଆର୍ଥିକ ଶୃଙ୍ଖଳା, ଉତ୍ତରଦାୟିତ୍ୱତା ଓ ଦାୟିତ୍ୱବୋଧତା ଉପରେ ଗୁରୁତ୍ୱ ଦିଆଯାଇଛି ।

**ଏହି ଯୋଜନା ରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୫୫୭୫ କୋଟି ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି।**

## <u>ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା</u>:

ଏହି ଯୋଜନା ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୋଟିଏ ଆର୍ଥିକ ବର୍ଷରେ ଅଣକୁଶଳୀ କାମ କରିବାକୁ ଚାହୁଁଥିବା ପ୍ରତ୍ୟେକ ପରିବାରକୁ ୧୦୦ଦିନର ନିଶ୍ଚିତ ନିଯୁକ୍ତି ପ୍ରଦାନ କରିବା। ଗରିବ ଲୋକଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରିବା ।

ଏହି ଯୋଜନାରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ମଜୁରି ହସ୍ତାନ୍ତର କରାଯାଉଛି ।ସାମଗ୍ରୀ ଉପାଦାନ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ **୭୫:୨୫** ଅଂଶୀଦାର ରହିଛି ।ମଜୁରୀ ଏବଂ ପ୍ରଶାସନିକ ଅଂଶ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କେନ୍ଦ୍ର ବହନ କରୁଅଛି **ଏଥି ନିମନ୍ତେ ଗ୍ରାମୀଣ ଜନସାଧାରଣଙ୍କୁ ନିଶ୍ଚିତ ମଜୁରୀ ନିଯୁକ୍ତି ଯୋଗାଇବା ପାଇଁ ୧୬୨୬ କୋଟି ଟଙ୍କାର ପ୍ରସ୍ତାବ ରହିଛି।**

ଦାଦନ ଜନିତ ବିସ୍ଥାପନ ସମସ୍ୟା ର ନିରାକରଣ ନିମନ୍ତେ ରାଜ୍ୟ ସରକାର **"State Support to MGNREGS"** ଯୋଜନା ମାଧ୍ୟମରେ ବରଗଡ ର ୪ ଟି ବ୍ଲକ, ବଲାଙ୍ଗୀର ର ୬ ଟି ବ୍ଲକ, ଗଜପତି ର ୨ ଟି ବ୍ଲକ, କଳାହାଣ୍ଡି ର ୫ ଟି ବ୍ଲକ, କନ୍ଧମାଳ ର ୨ ଟି ବ୍ଲକ ଓ କୋରାପୁଟ ର ୨ ଟି ବ୍ଲକ ଭଳି ୯ ଟି ଜିଲ୍ଲାର ୩୦ଟି ଦାଦନ ପ୍ରବଣ ବ୍ଲକ୍ ରେ ପ୍ରଥମ ୧୦୦ଦିନ ପାଇଁ ଦୈନିକ ପ୍ରତିବ୍ୟକ୍ତିଙ୍କୁ ୯୮ଟଙ୍କା ଟପ୍-ଅପ୍ ପ୍ରଦାନ କରିବା ସହ ମନରେଗା ଅଧୀନରେ ରାଜ୍ୟ ବଜେଟରୁ ବର୍ଦ୍ଧିତ ମଜୁରୀ ହାର ଦରରେ ଅତିରିକ୍ତ ୨୦୦ ଦିନର କର୍ମ ନିଯୁକ୍ତି ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି।

**ଏହି ଯୋଜନା ରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୪୦୦ କୋଟି ଟଙ୍କା ର ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି।**

ରାଜ୍ୟ ସରକାର, ମାନ୍ୟବର ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ଙ୍କ ଅଧ୍ୟକ୍ଷତାରେ ଏକ **ଉଚ୍ଚସ୍ତରୀୟ କାର୍ଯ୍ୟ ବାହିନୀ (Task Force)**ଗଠନ କରିଛନ୍ତି। ମାନ୍ୟବର ମନ୍ତ୍ରୀ ଗଣ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ସମ୍ପୃକ୍ତ ବିଭାଗର ସଚିବମାନେ ଏହି କମିଟିର ସଦସ୍ୟ ଅଟନ୍ତି ।ଓଡ଼ିଶାର ଦାଦନ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ତଥା ଦାଦନ ଜନିତ ପ୍ରବାସନ ରୋକିବା ନିମନ୍ତେ ବିଷଦ ଭାବରେ ଆଲୋଚନା କରିବା ସହିତ ଏହାର ସମାଧାନ ପାଇଁ ପ୍ରଶାସନିକ ବିଭାଗ ମାନଙ୍କୁ ନିର୍ଦ୍ଦିଷ୍ଟ ପଦକ୍ଷେପ ସୁପାରିଶ କରିବା ପାଇଁ ଏହି କାର୍ଯ୍ୟ ବାହିନୀ (Task Force) ଗଠନ କରାଯାଇଛି ।ଏପର୍ଯ୍ୟନ୍ତ, ମାନ୍ୟବର ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟ ବାହିନୀର ତିନୋଟି ବୈଠକ ଅନୁଷ୍ଠିତ ହୋଇଛି ।ଏହି ବୈଠକରେ ଜୀବିକା ଆଧାର ବୃଦ୍ଧି ଏବଂ ଦାଦନ ପ୍ରବାସନକୁ ରୋକିବା ପାଇଁ ଉଚ୍ଚସ୍ତରୀୟ କାର୍ଯ୍ୟ ବାହିନୀ (Task Force) ନିମ୍ନଲିଖିତ ପଦକ୍ଷେପ ମାନ ସୁପାରିଶ କରିଛନ୍ତି:

i. ଶ୍ରମ ଆଇନର ପ୍ରତିରୋଧକ ପ୍ରବର୍ତ୍ତନ (Preventive Enforcement of Labour Laws); ପ୍ରବାସୀ ପରିବାରର ପଞ୍ଜୀକରଣ; ଶ୍ରମିକ ଠିକାଦାରଙ୍କ ପଞ୍ଜୀକରଣ
ii. କେନ୍ଦ୍ର/ରାଜ୍ୟ ସରକାରଙ୍କ ସମସ୍ତ ପ୍ରମୁଖ ଯୋଜନା କ୍ରିୟାନ୍ୱୟନ ର ପରିପୂର୍ଣ୍ଣତା
iii. ଦୁରବସ୍ଥା ସମୟରେ ସୁନିଶ୍ଚିତ ବିକଳ୍ପ ନିଯୁକ୍ତି ବ୍ୟବସ୍ଥା

iv. ଜୀବନ ଜୀବିକା ରେ ଉନ୍ନତି ଆଣିବା ନିମନ୍ତେ MGNREGS ଅଧୀନରେ ପ୍ରାଣୀଧନ ଆଶ୍ରୟସ୍ଥଳ, ଜମି ବିକାଶ, ଉଦ୍ୟାନ କୃଷି, ବୃକ୍ଷ ରୋପଣ, ଜଳସେଚନ ବ୍ୟବସ୍ଥା (କୂପ/ପୋଖରୀ ଖୋଳା) ଭଳି ବ୍ୟକ୍ତିଗତ ହିତାଧିକାରୀ ପ୍ରକଳ୍ପଗୁଡ଼ିକର ପରିପୂର୍ଣ୍ଣତା

**v.** କୃଷି ଏବଂ କୃଷକ ସଶକ୍ତିକରଣ / ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଇତ୍ୟାଦି ଲାଇନ ବିଭାଗର ଇନପୁଟ୍ ସବସିଡି ଯୋଜନା ସହିତ MGNREGS କିମ୍ବା ଅନ୍ୟାନ୍ୟ ଯୋଜନା ଅଧୀନରେ ସୃଷ୍ଟି ହୋଇଥିବା ବ୍ୟକ୍ତିଗତ ସମ୍ପତ୍ତିର ଅଗ୍ରଗାମୀ ସଂଯୋଗ

**vi.** ଜୀବିକା ନିର୍ବାହ କାର୍ଯ୍ୟକଳାପ ପାଇଁ ବ୍ୟବସ୍ଥା

vii. ପ୍ରବାସ ପ୍ରବଣ ଅଞ୍ଚଳରେ ଜୀବିକା ନିର୍ବାହର ସୁଯୋଗ ଏବଂ ଗ୍ରାମୀଣ ଭିତ୍ତିଭୂମିର ଉନ୍ନତି ପାଇଁ ସମ୍ପୃକ୍ତ ବିଭାଗଗୁଡିକର ସମସ୍ତ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏକାଭିମୁଖିକରଣ ଯୋଜନାର ବିକାଶ କରିବା

**1.** ୧୦ଟି ଜିଲ୍ଲା, ଯଥା-ବରଗଡ଼ , ବଲାଙ୍ଗିର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଂଗପୁର, ନୂଆପଡ଼ା ଏବଂ ରାୟଗଡ଼ାର ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଗ୍ରାମଗୁଡ଼ିକରେ ସରକାରୀ ଭିତ୍ତିଭୂମି, ସେବା ଏବଂ ଜୀବିକା ସହାୟତାର ଅଭାବକୁ ପୂରଣ କରିବା ନିମନ୍ତେ **ଗ୍ରାମୋଦୟ କାର୍ଯ୍ୟକ୍ରମ** ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଜନ କଲ୍ୟାଣ ଯୋଜନା ଗୁଡିକୁ କାର୍ଯ୍ୟକାରୀ କରିବା ଏବଂ ମୌଳିକ ସୁବିଧାଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଅଗ୍ରସର କରିବା ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ବ୍ୟବଧାନ ଚିହ୍ନଟ କରିବା ପାଇଁ ପ୍ରତ୍ୟେକ ଗ୍ରାମ ଏବଂ ପରିବାର ସ୍ତରରେ ପ୍ରାଥମିକ ସର୍ବେକ୍ଷଣ କରାଯାଇଛି ।ଜିଲ୍ଲା ଗୁଡ଼ିକରୁ ପ୍ରାପ୍ତ ତଥ୍ୟ ଗୁଡ଼ିକ ଯାଞ୍ଚ ପରେ ଚିହ୍ନଟ ହୋଇଥିବା ବ୍ୟବଧାନ ଗୁଡ଼ିକୁ ଦୂରୀଭୂତ କରିବା ପାଇଁ ସମସ୍ତ ସୁବିଧାଗୁଡିକୁ ପରିପୂର୍ଣ୍ଣ ଭିତ୍ତିରେ ଉପଲବ୍ଧ କରାଇବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ଅନୁରୋଧ କରାଯାଇଛି ।

**ଶ୍ରମ ଦିବସ ସୃଷ୍ଟି :** ଆର୍ଥିକ ବର୍ଷ ୨୦୨୫ -୨୬ (ତା ୦୨ .୦୩ .୨୦୨୬ ପର୍ଯ୍ୟନ୍ତ) ରେ ଅନୁମୋଦିତ ୧୨ କୋଟି ଶ୍ରମ ବଜେଟ ତୁଳନାରେ ୧୨ .୦୬ କୋଟି ଶ୍ରମଦିବସ ସୃଷ୍ଟି କରାଯାଇଛି ଯାହା ଶହେ ପ୍ରତିଶତ ଅଟେ । ୩୪ .୮୩ ଲକ୍ଷ ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରି ୨୪ .୫୫ ଲକ୍ଷ ପରିବାର ଙ୍କୁ କାର୍ଯ୍ୟ ପ୍ରଦାନ କରାଯାଇଛି । ମନରେଗା ଅଧୀନରେ ୧୯୭ ଲକ୍ଷ ପରିବାର ୧୦୦ ଦିନର କାର୍ଯ୍ୟ କରିଛନ୍ତି ।ମହିଳା ମାନଙ୍କର

ଅଂଶଗ୍ରହଣ ୩୩ ପ୍ରତିଶତ ତୁଳନାରେ ୩୪.୯୫ ପ୍ରତିଶତ କୁ ବୃଦ୍ଧି ପାଇଛି ।ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଶ୍ରମିକ ମାନଙ୍କର ମୋଟ ଶ୍ରମ ଦିବସ ୫୧.୬ ପ୍ରତିଶତ ରେ ପହଞ୍ଚିଛି ।

ମନରେଗା ର ପ୍ରାଥମିକ ଲକ୍ଷ୍ୟ ହେଉଛି ଗରିବ ଲୋକଙ୍କ ସ୍ଥାୟୀ ଜୀବିକା ପାଇଁ ସମ୍ପତି ସୃଷ୍ଟି କରିବା ।ଆର୍ଥିକ ବର୍ଷ ୨୦୨୫ -୨୬ ରେ ୩ .୮୦ ଲକ୍ଷ କାର୍ଯ୍ୟ ସମାପ୍ତ ହୋଇଛି, ଯେଉଁଥିରେ ଜଳ ସଂରକ୍ଷଣ ଏବଂ ଜଳଛାୟା ପରିଚାଳନା , ଜଳସେଚନ , ବନୀକରଣ ଏବଂ ଜଳାଶୟ ନବୀକରଣ ପରି ୫୪୦୦୦ ପ୍ରାକୃତିକ ସମ୍ବଳ ପରିଚାଳନା କାର୍ଯ୍ୟ, ୨.୬୩ ଲକ୍ଷ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଘର , ୪୦୦୦୦ ବ୍ୟକ୍ତିଗତ ସମ୍ପତ୍ତି ଯଥା କୃଷି ପୋଖରୀ (Farm Pond) , କୂଅ ଖନନ, ପଶୁ ପାଳନ ନିମନ୍ତେ ଘର ଇତ୍ୟାଦି, ୨୨୦୦୦ ଗ୍ରାମୀଣ ଭିତ୍ତିଭୂମି ଯେପରିକି ଗମନାଗମନ ନିମନ୍ତେ ରାସ୍ତା, ଅଙ୍ଗନବାଡ଼ି କେନ୍ଦ୍ର , ଖେଳ ପଡିଆ, ଗ୍ରାମୀଣ ପାର୍କ , ଗ୍ରାମୀଣ ପରିମଳ ଇତ୍ୟାଦି ଅନ୍ତର୍ଭୁକ୍ତ ।

ଦାଦନ ସମସ୍ୟାକୁ ସମାଧାନ କରିବା ପାଇଁ ସରକାର **"ଡାଲଖାଇ" (DALKHAI- Dignified Access to Livelihood, Knowledge, Health and Allied Infrastructure)** କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି । 'ଡାଲଖାଇ' (DALKHAI) ମାଧ୍ୟମରେ ଦାଦନ ଶ୍ରମିକ ସମସ୍ୟା ରୋକିବା ପାଇଁ ରାଜ୍ୟ ସରକାର ବର୍ଦ୍ଧିତ ମଜୁରୀ, ଅତିରିକ୍ତ ୨୦୦ ଦିନର କର୍ମ ନିଯୁକ୍ତି, ବିବିଧ ଜୀବିକା ନିର୍ବାହ ପାଇଁ ସହାୟତା, ଗୋଷ୍ଠୀ-ସ୍ତରୀୟ (Community/ Village level) ଏବଂ ପରିବାର-ସ୍ତରୀୟସରକାରୀ ଯୋଜନା/କାର୍ଯ୍ୟକ୍ରମର ପରିପୂର୍ଣ୍ଣତା (Saturation)ଇତ୍ୟାଦି କାର୍ଯ୍ୟକ୍ରମ ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି ।

**ନୂତନ ରାଜ୍ୟ କ୍ଷେତ୍ର ଯୋଜନା: "କ୍ରମବର୍ଦ୍ଧିଷ୍ଣୁ ପଦ୍ଧତି ମାଧ୍ୟମରେ ଜୀବିକା ଅଭିବୃଦ୍ଧି→ (Livelihood Augmentation through Graduation Approach)**

ରାଜ୍ୟର ୯ ଗୋଟି ଜିଲ୍ଲା ଯଥା ବଲାଙ୍ଗିର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ଗଜପତି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର ଏବଂ ରାୟଗଡ଼ାର ୩୦ଟି ପ୍ରବାସ ପ୍ରବଣ ବ୍ଲକରେ ପ୍ରବାସୀ ପରିବାରଗୁଡ଼ିକର ଜୀବିକା ସମ୍ବଳ ବୃଦ୍ଧି କରି ଦାଦନ ପ୍ରବାସନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ନୂତନ ରାଜ୍ୟ କ୍ଷେତ୍ର ଯୋଜନା:

"କ୍ରମବର୍ଦ୍ଧିଷ୍ଣୁ ପଦ୍ଧତି ମାଧ୍ୟମରେ ଜୀବିକା ଅଭିବୃଦ୍ଧି" କୁ ଲାଗୁ କରିବାକୁ ଯାଉଛନ୍ତି ।ଏହି ଯୋଜନା ୩୬ ମାସ ଅବଧି ପାଇଁ କାର୍ଯ୍ୟକାରୀ ହେବ। **ଏହି ଯୋଜନା ରେ ୨୦୨୬-୨୭ ଆର୍ଥିକ ବର୍ଷ ରେ ୨୨୦ କୋଟି ଟଙ୍କା ର ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି।**

<u>**ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା (DDU-GKY) ୨.୦**</u>

- ଏହି ଯୋଜନା ଦାରିଦ୍ର୍ୟ ସୀମା ରେଖା ତଳେ ଥିବା (BPL) ପରିବାରରୁ ଯୁବକ ଯୁବତୀ ଙ୍କୁ ସମୟ ସୀମା ମଧ୍ୟରେ ଦକ୍ଷତା ପ୍ରଶିକ୍ଷଣ ଏବଂ ଆର୍ଥିକ ସଶକ୍ତିକରଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।
- ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ରୂପାୟନ ପାଇଁ ଓରମାସ୍ ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରେ।
- ୨୦୨୬-୨୭ ଆର୍ଥିକ ବର୍ଷରେ ୪୦,୦୦୦ ଯୁବକ ଯୁବତୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ବ୍ୟବସ୍ଥା କରାଯାଇଛି।
- ୨୦୨୧-୨୨ ରୁ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ମୋଟ ୪୧,୦୪୧ ଜଣ ପ୍ରାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି, ଯେଉଁଥିରୁ ୩୦,୧୮୮ ଜଣ ପ୍ରାର୍ଥୀ ସଫଳତାର ସହ ନିଯୁକ୍ତି ପାଇଛନ୍ତି।
- **୨୦୨୬-୨୭ ଆର୍ଥିକ ବର୍ଷରେ ଏହି ଉଦ୍ଦେଶ୍ୟରେ ୧୬୦ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି ।**

<u>**Implementation support to ORMAS :**</u> ୨୦୨୬-୨୭ ଆର୍ଥିକବର୍ଷପାଇଁ, ଓରମାସ୍ ର ପଦକ୍ଷେପ ଗୁଡ଼ିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ କ୍ଷେତ୍ର ଯୋଜନା ଅଧୀନରେ ₹୬୫.୦୦କୋଟିର ବଜେଟ୍ ଅଟକଳ କରାଯାଇଛି।

ଏହିପାଣ୍ଠି ଗ୍ରାମୀଣ ସଶକ୍ତିକରଣ ଏବଂ ବଜାର ସଂଯୋଗୀ କରଣ ଉପରେ ଆଧାରିତ ଏକ ବ୍ୟାପକ ରଣନୀତିକୁ ପରିଚାଳିତ କରିବ।ମୁଖ୍ୟ ପ୍ରାଥମିକତା ଗୁଡ଼ିକ ମଧ୍ୟରେ FPO ଗୁଡ଼ିକର ସ୍ଥାୟୀତ୍ୱ ନିଶ୍ଚିତ କରିବା, ଆନ୍ତର୍ଜାତୀୟ ସ୍ତରର ବ୍ରାଣ୍ଡିଂ ପ୍ରତିଷ୍ଠା

କରିବା ଏବଂ ବୃହତ ବଜାର ସହିତ ବ୍ୟବସାୟିକ ଚୁକ୍ତି (Bulk market tie-ups) କରିବା ଅନ୍ତର୍ଭୁକ୍ତ।

ଏହାବ୍ୟତୀତ, ଉତ୍ପାଦକ ଉଦ୍ୟୋଗ (Producer Enterprises) ଏବଂ କୃଷି ସଂସାଧନ କେନ୍ଦ୍ର (KSKs) ର ସମ୍ପ୍ରସାରଣ ସହିତ ଡିଜିଟାଲ୍ ଏବଂ ଇ-କମର୍ସ କ୍ଷେତ୍ରରେ ପଦଚିହ୍ନ ବୃଦ୍ଧି କରିବା ପାଇଁ ଏହି ଅଭିଯାନ ଲକ୍ଷ୍ୟ ରଖିଛି।

ମୁଖ୍ୟମନ୍ତ୍ରୀ ମକା ମିଶନ, ଲେମନ ଗ୍ରାସ ମିଶନର ସୁଫଳ ରୂପାୟନ ଏବଂ ଉଦୀୟମାନ ବ୍ୟବସାୟରେ ଯବପିଢ଼ିଙ୍କୁ ଶକ୍ତ କରିବା ପାଇଁ ନୂତନ ଯୁଗର ଦକ୍ଷତା ପ୍ରଶିକ୍ଷଣ (New Age Skill training) ଏବଂ ନିଯୁକ୍ତି ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

**ବିପଣନପଦକ୍ଷେପ (Marketing Initiatives):** ରାଜ୍ୟ ର ଗ୍ରାମୀଣ ଉତ୍ପାଦ ଗୁଡ଼ିକର ଶୀର୍ଷ ବିପଣନ ସଂସ୍ଥା ଭାବରେ ଓରମାସ୍, ଏପ୍ରିଲ ୨୦୨୫ ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ₹୨୩୮ କୋଟିର କାରବାର କରିଥିବା ବେଳେ ପ୍ରତିଷ୍ଠାନିକ ଏବଂ କର୍ପୋରେଟ୍ ବିକ୍ରୟ ମାଧ୍ୟମ ରେ ଅତିରିକ୍ତ ₹୨୦ କୋଟି ସଂଗ୍ରହ ହୋଇଛି।୨୦୨୫ କଟକ ବାଲିଯାତ୍ରାରେ ₹୫୫ କୋଟିର ରେକର୍ଡ ବିକ୍ରୟ ହୋଇଥିବା ବେଳେ, ପାରାଦୀପ କଳିଙ୍ଗ ବାଲିଯାତ୍ରାରେ ₹୧.୬୪ କୋଟିରୁ ଅଧିକ ଏବଂ ଭୁବନେଶ୍ୱର ଶିଶିର ସରସ ୨୦୨୫-୨୬ରେ ₹୩୦କୋଟିର କାରବାର ହୋଇଛି।ପୁରୀ ପଲ୍ଲୀଶ୍ରୀ ମେଳାରେ ₹୧୫.୩୯କୋଟି, ବାଲେଶ୍ୱରରେ ₹୫.୯୨କୋଟି ଏବଂ ଢେଙ୍କାନାଳରେ ₹୪.୨୮କୋଟିର ବିକ୍ରୟ ହୋଇଛି।ଓରମାସ୍ ବର୍ତ୍ତମାନ ରାଜ୍ୟରେ ୩୫ଟି ରିଟେଲ ଆଉଟଲେଟ୍ ପରିଚାଳନା କରୁଛି।

କୁଚିଣ୍ଡା ଏବଂ ବାମରା ର ଲଙ୍କା ଚାଷୀ FPO ଗୁଡ଼ିକ ସ୍ଥାନୀୟ ବଜାର ଦର ଅପେକ୍ଷା ୩୦% ଅଧିକ ମୂଲ୍ୟ ପାଇଛନ୍ତି ଏବଂ "ଭାରତମସଲା" କୁ ଯୋଗାଣ ମାଧ୍ୟମ ରେ ₹୧.୧୬ କୋଟିର କାରବାର କରିଛନ୍ତି।

**ଜୀବିକାପଦକ୍ଷେପ (Livelihoods Initiatives):** ଓରମାସ୍ ବିଭିନ୍ନ କେନ୍ଦ୍ରୀୟ ଏବଂ ରାଜ୍ୟ ଯୋଜନା ଅଧୀନରେ କୃଷି- ଉଦ୍ୟାନ କୃଷି, ଅଣ-କୃଷି ଏବଂ କ୍ଷୁଦ୍ର ବନଜାତ ଦ୍ରବ୍ୟ (NTFP) କ୍ଷେତ୍ରରେ ପଛୁଆ ଏବଂ ଆଗୁଆ ସଂଯୋଗୀକରଣକୁ ସୁଦୃଢ଼ କରି ବଜାର-ଭିତ୍ତିକ ଜୀବିକା ପ୍ରୋତ୍ସାହନକୁ ସହଜ କରୁଛି।

**ଉତ୍ପାଦକ ଉଦ୍ୟୋଗ (Producer Enterprises) :**କଞ୍ଚାମାଲ ପ୍ରକ୍ରିୟାକରଣରୁ ଜାର ସଂଯୋଗୀ କରଣ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସମାଧାନ ପ୍ରଦାନ ପାଇଁ ଏହା କାର୍ଯ୍ୟ କରୁଛି।

**ଗ୍ରାମୀଣ ଶିଳ୍ପ ପାର୍କ (Rural Industrial Parks - RIPCs):**ଏହା ପ୍ରକ୍ରିୟାକରଣ, ଉତ୍ପାଦନ, ସେବା, ନିର୍ମାଣକାର୍ଯ୍ୟ ଏବଂ ସମନ୍ୱିତ ଚାଷ କ୍ଲଷ୍ଟର ମାଧ୍ୟମରେ ସମନ୍ୱିତ ଜୀବିକା ସୁଯୋଗ ପ୍ରଦାନ କରେ।

**ନୂତନ ଯୁଗର ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ (New Age Skills Training Programme):**

୨୦୨୪-୨୫ ରୁ ୨୦୨୮-୨୯ ମଧ୍ୟରେ ୧୮ ରୁ ୩୫ ବର୍ଷ ବୟସର ୬୦,୦୦୦ ଗ୍ରାମୀଣ ଯୁବକ ଯୁବତୀଙ୍କୁ ଦକ୍ଷ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି, ଯେଉଁଥିରେ ପ୍ରବାସୀ-ପ୍ରବଣ ଜିଲ୍ଲା ଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯାଇଛି।ଏହି କାର୍ଯ୍ୟକ୍ରମରେ ଗ୍ରୀନ୍ ଜବ୍ସ (ସୌର PV ଇନଷ୍ଟଲର୍), ମିଡିଆ ଏବଂ ଏଣ୍ଟରଟେନମେଣ୍ଟ (ଗ୍ରାଫିକ୍ସ ଡିଜାଇନ ଏବଂ 3D ପ୍ରିଣ୍ଟିଂ) ଏବଂ ରବର ଓ ପେଟ୍ରୋକେମିକାଲ୍ ସେକ୍ଟର ଭଳି ଭବିଷ୍ୟତର କ୍ଷେତ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି।

## <u>ଗ୍ରାମୀଣ ଜଳଯୋଗାଣ ଓ ପରିମଳ :</u>

ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳଯୋଗାଣ ରାଜ୍ୟ ସରକାରଙ୍କର ଏକ ପ୍ରମୁଖ କାର୍ଯ୍ୟକ୍ରମ ଅଟେ । ଗ୍ରାମାଞ୍ଚଳର ସମସ୍ତ ଗୃହକୁ ମାର୍ଚ୍ଚ, ୨୦୨୭ ସୁଦ୍ଧା ଘରୋଇ ଟ୍ୟାପ ଯୋଗେ ପର୍ଯ୍ୟାପ୍ତ

ପରିମାଣର ନିରାପଦ ପାନୀୟଜଳ ଯୋଗାଇ ଦେବା ନିମନ୍ତେ ସରକାରଙ୍କ ଦ୍ୱାରା ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି ।

ରାଜ୍ୟର ଗ୍ରାମାଞ୍ଚଳରେ ଅଦ୍ୟାବଧି ୨୬ ଗୋଟି ବୃହତ ପାଇପ ଜଳଯୋଗାଣ ପ୍ରକଳ୍ପ,୧୮୩୭୩ ଗୋଟି ଏକକ/ଏକାଧିକ ଗ୍ରାମ ବିଶିଷ୍ଟ ପାଇପ ଜଳଯୋଗାଣ ପ୍ରକଳ୍ପ, ୫୩୭୨୦୪ ଗୋଟି ନଳକୂପ/ପରିମଳକୂପ, ୨୩୯୭୧ ଗୋଟି ସୋଲାର ଦ୍ୱୈତ ପମ୍ପ ଏବଂ ୬୧୭୧ ଗୋଟି ସୋଲାର ପାଇପ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି ।

ଆସନ୍ତା ମାର୍ଚ୍ଚ, ୨୦୨୭ ମସିହା ସୁଦ୍ଧା ଗ୍ରାମାଞ୍ଚଳର ସମସ୍ତ ପରିବାରକୁ ଟ୍ୟାପ ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଣ ନିମନ୍ତେ ୫୫୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ ବିଭିନ୍ନ ପାଇପ ଜଳଯୋଗାଣ ପ୍ରକଳ୍ପ ମାନ କାର୍ଯ୍ୟକାରୀ କରାଯାଉଛି ।ଏଥିମଧ୍ୟରେ ୩୫୧୯୩.୨୪କୋଟି ଟଙ୍କା ବ୍ୟୟ ଅଟକଳ ବିଶିଷ୍ଟ ୨୦୭ ଗୋଟି ଭୂପୃଷ୍ଠ ଜଳ ଉତ୍ସ ଆଧାରିତ ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପ ଅନ୍ତର୍ଭୁକ୍ତ କରାଯାଇଛି ।ଏହି ବୃହତ ପାଇପ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୨୬ ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଅଛି ଏବଂ ୧୮୧ ଗୋଟି ଏକକ/ଏକାଧିକ ଗ୍ରାମ ବିଶିଷ୍ଟ ପାଇପ ଜଳଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲୁରହିଛି ।ରାଜ୍ୟରେ ସମୁଦାୟ ୧୯୦୯୧ ଗୋଟି ଏକକ/ଏକାଧିକ ଗ୍ରାମ ବିଶିଷ୍ଟ ପାଇପ ଜଳଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ଅଦ୍ୟାବଧି ୧୮୩୭୩ ଗୋଟି ସମ୍ପୂର୍ଣ୍ଣ ହୋଇଛି ଓ ୭୧୮ ଗୋଟିର ନିର୍ମାଣକାର୍ଯ୍ୟ ଚାଲୁରହିଛି ।ପ୍ରସ୍ତାବିତ ୮୬୪୦ ଗୋଟି ସୌରଚାଳିତ ପାଇପ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ୬୧୭୧ ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଅଛି ଏବଂ ୨୪୬୯ ଗୋଟିର ନିର୍ମାଣକାର୍ଯ୍ୟ ଚାଲୁରହିଛି ।

**୦୧.୦୩.୨୦୨୬ ମସିହା ସୁଦ୍ଧା ରାଜ୍ୟର ମୋଟ ୮୮,୬୪,୨୭୧ ଗୋଟି ଗ୍ରାମୀଣ ପରିବାର ମଧ୍ୟରୁ ୬୮,୪୭,୭୫୨(୭୭.୧୫%) ପରିବାରକୁ ଘରୋଇ ଟ୍ୟାପ ସଂଯୋଗୀକରଣ କରାଯାଇଛି** ।୭୪ ପ୍ରତିଶତ ବିଦ୍ୟାଳୟ ଓ ୬୩ ପ୍ରତିଶତ ଅଙ୍ଗନୱାଡି କେନ୍ଦ୍ର ଗୁଡିକୁ ମଧ୍ୟ ଟ୍ୟାପ ସଂଯୋଗ କରାଯାଇ ପାନୀୟ ଜଳଯୋଗାଣ ହେଉଅଛି।ଏହାଛଡା ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଟ୍ୟାପ ସଂଯୋଗ କରାଯାଇ ପାନୀୟ ଜଳଯୋଗାଣ କରାଯାଉଛି ।

ପାନୀୟଜଳର ମାନ ନିର୍ଦ୍ଧାରଣ ନିମନ୍ତେ ରାଜ୍ୟରେ ୦୧ ଗୋଟି ରାଜ୍ୟସ୍ତରୀୟ, ୩୦ ଗୋଟି ଜିଲ୍ଲାସ୍ତରୀୟ ଓ ୪୬ ଗୋଟି ଉପଖଣ୍ଡସ୍ତରୀୟ (ମୋଟ ୭୭ ଗୋଟି) ଜଳ ପରୀକ୍ଷାଗାର ମାନ କାର୍ଯ୍ୟକ୍ଷମ କରାଯାଇଛି ।ଏଥିମଧ୍ୟରୁ ୩୦ ଗୋଟି ପରୀକ୍ଷାଗାରକୁ NABL (National Accreditation Board for Testing and Calibration) ମାନ୍ୟତା ମିଳିଅଛି ଏବଂ ୧୭ ଗୋଟି ଉପଖଣ୍ଡ ସ୍ତରୀୟ ଜଳପରୀକ୍ଷା ଗାରକୁ NABL ସ୍ୱୀକୃତି ପ୍ରାପ୍ତ ହୋଇଅଛି ।

**କେନ୍ଦ୍ର ପ୍ରଯୋଜିତ ଯୋଜନା ଜଳ ଜୀବନ ମିଶନ ଅଧିନରେ ୭୦୦୦.୦୦ କୋଟି ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି।** କାର୍ଯ୍ୟକ୍ରମ ଖର୍ଚ୍ଚ (SSS) ଅଧୀନରେ ପ୍ରସ୍ତାବିତ ପାଣ୍ଠି ମୁଖ୍ୟତଃ **ବସୁଧା (BASUDHA) ଅଧୀନରେ PWS ଯୋଜନା (ଉଭୟ ମେଗା PWS ପ୍ରକଳ୍ପ ଏବଂ ଏକକ / ବହୁ ଗ୍ରାମ ଯୋଜନା) କାର୍ଯ୍ୟକାରିତା ଦିଗରେ ଖର୍ଚ୍ଚ ପୂରଣ କରିବା ପାଇଁ ଉଦ୍ଦିଷ୍ଟ - ୪୯୫.୦୦ କୋଟି ଟଙ୍କା, RIDF- ୫୦.୦୦ କୋଟି ଟଙ୍କା, State Support to RPWS ଯୋଜନା ପାଇଁ ରାଜ୍ୟ ସହାୟତା ଦିଗରେ ୧୦୦୦.୦୦ କୋଟି ଟଙ୍କା ପ୍ରସ୍ତାବ ରଖାଯାଇଛି।** ରାଜ୍ୟର ଗ୍ରାମାଞ୍ଚଳରେ ପାନୀୟ ଜଳ ସମ୍ପତ୍ତିର ରକ୍ଷଣାବେକ୍ଷଣ ଏବଂ ବିଦ୍ୟୁତ ବିଲ୍ ବ୍ୟୟ ପାଇଁ ପ୍ରଶାସନିକ ଖର୍ଚ୍ଚ (ଅଣ-ଯୋଜନା) ଅଧୀନ ରେ ୭୮୩ କୋଟି ଟଙ୍କା **ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି ।**

## <u>ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ :</u>

ଗ୍ରାମୀଣ ଭାରତରେ କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ ଦେବା ସହିତ, ସମସ୍ତ ଗ୍ରାମରେ ଖୋଲା ମଳତ୍ୟାଗ ମୁକ୍ତ (ODF-Open Defecation Free) ସ୍ଥିତିକୁ ଲକ୍ଷ୍ୟ କରି, ଗ୍ରାମାଞ୍ଚଳର ଖୋଲା ମଳତ୍ୟାଗ ମୁକ୍ତ ସ୍ଥିତି ବଜାୟ ରଖିବା ଉଦ୍ଦେଶ୍ୟରେ ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ, ଏପ୍ରିଲ ୨୦୨୦ ମସିହାରେ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଆମ ରାଜ୍ୟରେ ୪୪,୯୮୧ ଗ୍ରାମକୁ ଖୋଲା ମଳତ୍ୟାଗ ମୁକ୍ତ ପ୍ଲସ୍ ମଡେଲ ଗ୍ରାମ ଭାବରେ ଘୋଷଣା କରାଯାଇଛି। ସାର୍ବଜନୀନ ପରିମଳ ସୁବିଧା ହାସଲ କରିବା ଏବଂ ODF ସ୍ଥିତି ବଜାୟ ରଖିବା ପାଇଁ, ୨୦୨୫-୨୬ ଆର୍ଥିକ ବର୍ଷରେ ୧,୫୦,୨୪୨ରୁ ଅଧିକ

ବ୍ୟକ୍ତିଗତ ଘରୋଇ ପାଇଖାନା ଏବଂ ୯୧୦ କମ୍ୟୁନିଟି ସାନିଟାରୀ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ, ୨,୯୯୨ଟି କମ୍ୟୁନିଟି କମ୍ପୋଷ୍ଟ ପିଟ୍ ଏବଂ ୪,୭୬୦ଟି କମ୍ୟୁନିଟି ସୋକ୍ ପିଟ୍ ନିର୍ମାଣ କରାଯାଇଛି। ସମସ୍ତ ଗ୍ରାମରେ ପରିମଳ ଏବଂ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୬ – ୨୦୨୭ ଆର୍ଥିକ ବର୍ଷରେ ସମସ୍ତ ଗ୍ରାମକୁ ଖୋଲା ମଳତ୍ୟାଗ ମୁକ୍ତ ପ୍ଲସ୍ ଘୋଷଣା କରିବା ପାଇଁ ଯୋଜନା ରହିଛି ଓ ଏଥି ନିମନ୍ତେ **୩୬୬ କୋଟି** ଟାଙ୍କର ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି ।

## ବିକଶିତ ଗାଁ ବିକଶିତ ଓଡ଼ିଶା

"ବିକଶିତ ଗାଁ ବିକଶିତ ଓଡ଼ିଶା" (BGBO) ହେଉଛି ଗ୍ରାମୀଣ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଉତ୍ସର୍ଗୀକୃତ ଏକ ପରିବର୍ତ୍ତନଶୀଳ ପଦକ୍ଷେପ। BGBO ଯୋଜନାର ଗ୍ରାମୀଣ ଅଞ୍ଚଳରେ ବିକାଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ବ୍ୟବଧାନକୁ ପୂରଣ କରିବା ପାଇଁ ଏକ ପ୍ରମୁଖ ଯୋଜନା ଭାବରେ କାର୍ଯ୍ୟ କରେ। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ ଏବଂ ଗୋଷ୍ଠୀ-ଭିତ୍ତିକ ସମ୍ପଦ ନିର୍ମାଣ କରି ତ୍ୱରାନ୍ୱିତ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରି ଗ୍ରାମୀଣ ଓଡ଼ିଶାର ଜୀବନର ଗୁଣବତ୍ତାକୁ ସୁଦୃଢ଼ କରିବା ।

ପ୍ରମୁଖ ସଫଳତା: ବିବିଧ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରି ବିଭିନ୍ନ କ୍ଷେତ୍ରରେ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରାଯାଇଛି: ରାସ୍ତା ଭିତ୍ତିଭୂମି: ବିକାଶର ମେରୁଦଣ୍ଡ ଭାବରେ ସଂଯୋଗୀକରଣକୁ ସ୍ୱୀକାର କରି, ମୋଟ ଆବଣ୍ଟିତ ପାଣ୍ଠିର ୩୫ % ଗ୍ରାମୀଣ ସଡ଼କ ପ୍ରକଳ୍ପ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ବର୍ଗରେ ମୋଟ ୧୬୮୧୩ ଗୋଟି ଗ୍ରାମୀଣ ସଡ଼କ ପ୍ରକଳ୍ପ ଆରମ୍ଭ କରାଯାଇଛି।

ନାଗରିକ ସୁବିଧା: ସାମୁଦାୟିକ ଜୀବନଯାପନକୁ ଉନ୍ନତ କରିବା ପାଇଁ, ୧୭୬୭୪ ଗୋଟି ପ୍ରକଳ୍ପ ଗ୍ରହଣ କରାଯାଇଛି, ଯେଉଁଥିରେ କଲ୍ୟାଣ ମଣ୍ଡପ, ଗୋଷ୍ଠୀ କେନ୍ଦ୍ର, ବଜାର ସେଡ୍ ଏବଂ ସ୍ନାନଘାଟ ଇତ୍ୟାଦି ନିର୍ମାଣ ଅନ୍ତର୍ଭୁକ୍ତ।

ଶିକ୍ଷା ଏବଂ କ୍ରୀଡା: ୭୩୯ ସଂଖ୍ୟକ ଶ୍ରେଣୀଗୃହ ଆଧୁନିକୀକରଣ ଏବଂ ଇଣ୍ଟରନେଟ୍-ସକ୍ଷମ ପାଠାଗାର ପାଇଁ ପ୍ରକଳ୍ପ, କ୍ରୀଡା ଭିତ୍ତିଭୂମି ଏବଂ ଖେଳ ପଡ଼ିଆ ପାଇଁ ଉତ୍ସର୍ଗୀକୃତ ୧୨୩୮ ଟି ପ୍ରକଳ୍ପ ହାତକୁ ନିଆଯାଇଛି।

ସଂସ୍କୃତି ଏବଂ ପର୍ଯ୍ୟଟନ: କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳ ଏବଂ ଅଭିନବ ସାମୁଦାୟିକ ପ୍ରକଳ୍ପ ବିକାଶ ପାଇଁ ମୋଟ ୧୩୭୪୧ ଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି।

ଏହା ବ୍ୟତୀତ, ପୂର୍ବ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଅଧୀନରେ ଗ୍ରହଣ କରାଯାଇଥିବା ପ୍ରକଳ୍ପ ଗୁଡିକ, ଯେଉଁଥିରେ ସର୍ବନିମ୍ନ ୨୦ % ବ୍ୟୟ କରାଯାଇଛି ତାହା ଏହି ଯୋଜନା ଅଧୀନରେ ସମ୍ପୂର୍ଣ କରିବାର ବ୍ୟବସ୍ଥା ରହିଛି।ଏହା ବ୍ୟତୀତ, ଏହି ଯୋଜନାରେ PR & DW ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ସମାନ ପ୍ରକୃତିର ପ୍ରକଳ୍ପ ପାଇଁ convergence ବ୍ୟବସ୍ଥା କରାଯାଇଛି।

- ଆର୍ଥିକ ବର୍ଷ ୨୦୨୪-୨୫ ରେ ମୋଟ ବଜେଟ୍ ୧୦୦୦ କୋଟି ଟଙ୍କା ଆବଣ୍ଟିତ କରାଯାଇ, ୨୨,୮୮୮ ସଂଖ୍ୟକ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି ।

- ଆର୍ଥିକ ବର୍ଷ ୨୦୨୫-୨୬ ରେ, ଆବଣ୍ଟନକୁ ୨୦୫୭ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା, ଏଯାବତ୍ ୩୭୬୮୮ ସଂଖ୍ୟକ ପ୍ରକଳ୍ପ ଗ୍ରହଣ କରାଯାଇ କାର୍ଯ୍ୟ ଚାଲୁ ରହିଛି ।

- କ୍ୟାବିନେଟ ଅନୁମୋଦନ ପରେ, ଗ୍ରାମୀଣ ପରିବର୍ତ୍ତନର ଏହି ଗତିକୁ ଜାରି ରଖିବା ପାଇଁ ଆଗାମୀ **୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୨୦୦୦ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି ।**

**ସୌରଚାଳିତ ସଡକ ଆଲୋକୀକରଣ ପ୍ରକଳ୍ପ :**

ଗ୍ରାମାଂଚଳର ଭିତିଭୂମି ବିକାଶ ନିମନ୍ତେ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ଆଲୋକ ବ୍ୟବସ୍ଥା କରିବା ଏବଂ ଅକ୍ଷୟ ଶକ୍ତି ସମ୍ପଦ ଉପଯୋଗ ଲାଗି ଗ୍ରାମ

ପଂଚାୟତଗୁଡ଼ିକରେ ସୌର ଆଧାରିତ ଷ୍ଟ୍ରିଟ ଲାଇଟିଂ ବ୍ୟବସ୍ଥା ଆରମ୍ଭ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି ।

**ଏହି ଯୋଜନା ରେ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ୫୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି ।**

**<u>ସଂଯୁକ୍ତ ହୋଇନଥିବା ଜନବସତିକୁ ସଂଯୋଗ</u> (Connectivity to Unconnected Habitations)**

ମିଶନ **PoWaR** (ବିଦ୍ୟୁତ୍, ଜଳ ଏବଂ ରାସ୍ତା) ଅଧୀନରେ ଏକ ନୂତନ ଯୋଜନା, " **Connectivity to Unconnected Habitations"** ପ୍ରସ୍ତାବିତ କରାଯାଇଛି ଯାହା ଦ୍ୱାରା ମୋଟ **8992.97** କିଲୋମିଟର ଘାଟ ଏବଂ ସମତଳ ରାସ୍ତା ନିର୍ମାଣ କରାଯିବ। ଏହି ଯୋଜନାର ଲକ୍ଷ୍ୟ ହେଉଛି ୧୦୪୩ ଟି ରାସ୍ତା ନଥିବା ବାସସ୍ଥାନକୁ ସବୁଦିନିଆ ରାସ୍ତା ସଂଯୋଗୀକରଣ ଯୋଗାଇବା, ଯାହା ଦ୍ଵାରା ଜନ ସାଧାରଣ ଙ୍କ ମୌଳିକ ସୁବିଧା , ବଜାର ଏବଂ ଆର୍ଥିକ ସୁଯୋଗରେ ଉନ୍ନତି ଆସିବ। ଏଥିପାଇଁ ୧୦୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି।

## <u>ରାଷ୍ଟ୍ରୀୟ ଗ୍ରାମ ସ୍ଵରାଜ୍ୟ ଅଭିଯାନ</u>

ଏହି ଯୋଜନା ଅଧୀନରେ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକର ନିର୍ବାଚିତ ଜନପ୍ରତିନିଧି ଏବଂ କର୍ମକର୍ତ୍ତା ମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ପ୍ରତିଷ୍ଠାନ (SIRD & PR) ମାଧ୍ୟମରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାନ ଆୟୋଜିତ ହେଉଅଛି ।ପଞ୍ଚାୟତିରାଜ ବ୍ୟବସ୍ଥା କୁ ସୁଦୃଢ କରିବା ସହ ଦକ୍ଷ, ସ୍ୱଚ୍ଛ ଓ ନାଗରିକ କେନ୍ଦ୍ରିକ ପ୍ରଶାସନ ତଥା ପ୍ରଶାସନିକ, ଆର୍ଥିକ ସ୍ତରରେ ସୁଧାର ଆଣିବା ସହ ସୁଶାସନ ପ୍ରତିଷ୍ଠା ଦିଗରେ ଅଧିକାରୀ ଓ କର୍ମକର୍ତ୍ତା ମାନଙ୍କ ଦକ୍ଷତା କୁ ସୁଦୃଢ କରିବା ହେଉଛି ଏହାର ପ୍ରମୁଖ ଉଦ୍ଦେଶ୍ୟ ।

ଏହି ଯୋଜନା ରେ ସେବା ବିତରଣକୁ ପ୍ରଭାବଶାଳୀ କରିବା ପାଇଁ ପେସା ଗ୍ରାମପଞ୍ଚାୟତ ଏବଂ ବ୍ଲକ ଗୁଡିକ ନିମନ୍ତେ ଇଣ୍ଟର୍ନେଟ ଭିତ୍ତିଭୂମିର ସୁଦୃଢୀକରଣ ଓ କମ୍ପ୍ୟୁଟର ଯୋଗାଇ ଦିଆଯାଇ ଡିଜିଟାଲ ପ୍ରଶାସନକୁ ପ୍ରୋତ୍ସାହିତ କରାଯାଉଛି ।

ଆର୍ଥିକ ବର୍ଷ ୨୦୨୬ -୨୭ ବଜେଟ ଅଟକଳ ଅନୁଯାୟୀ, ଏହି ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଯୋଜନା ନିମନ୍ତେ **୩୦୭.୦୦ କୋଟି** ଟଙ୍କା ର ବ୍ୟବସ୍ଥା ପ୍ରସ୍ତାବିତ କରାଯାଇଛି ।ଏହି ଅର୍ଥ ରାଶି ଗ୍ରାମପଞ୍ଚାୟତ ଭବନ ନିର୍ମାଣ, ପଞ୍ଚାୟତ ଶିକ୍ଷଣ କେନ୍ଦ୍ର (Panchayat Learning Centre) ର ପ୍ରତିଷ୍ଠା, ଜିଲ୍ଲା, ବ୍ଲକ ଓ ଗ୍ରାମପଞ୍ଚାୟତ ଗୁଡିକୁ ISO ପ୍ରମାଣ ପତ୍ର ପ୍ରଦାନ, ଏବଂ ରାଜ୍ୟ ପଞ୍ଚାୟତ ସାଧନ କେନ୍ଦ୍ର (SPRC), ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର (DPRC), ବ୍ଲକ ସ୍ତରୀୟ ସଂଯୋଜକ (BLC) ଓ ପେସା (PESA) ସମ୍ବନ୍ଧୀୟ Recurring Expenditure ସୂଚନା ଶିକ୍ଷା ସଂଚାର (IEC) ଏବଂ ପ୍ରକଳ୍ପ ପରିଚାଳନା ୟୁନିଟ୍ (PMU) ତଥା ଅନ୍ୟାନ୍ୟ ଦକ୍ଷତା ବିକାଶ କାର୍ଯ୍ୟକଳାପ ପାଇଁ ନିର୍ଦ୍ଧାରିତ କରାଯାଇଛି ।

## <u>କେନ୍ଦ୍ରୀୟ ଅର୍ଥ ଆୟୋଗ</u>

ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ, ୧୬ଶ କେନ୍ଦ୍ରୀୟ ଅର୍ଥ କମିଶନ ମୌଳିକ୍ ଅନୁଦାନ (Basic Grant) ଅଧୀନରେ ଓଡ଼ିଶାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ପାଇଁ ମୋଟ **୨୪୦୪ କୋଟି** ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି ।

ମୋଟ ଅନୁଦାନର ୫୦% ଅର୍ଥା ତ୍ ୧୨୦୨ କୋଟି ଟଙ୍କା ହେଉଛି 'ଅନାବଦ୍ଧ ଅନୁଦାନ', ଯାହା ଆବଶ୍ୟକତା ଭିତ୍ତିକ ଏବଂ ଗୋଷ୍ଠୀ-ଚାଳିତ ପ୍ରକଳ୍ପ ପାଇଁ ବ୍ୟବହାର କରାଯିବ।

ଅବଶିଷ୍ଟ ୫୦% ହେଉଛି 'ଆବଦ୍ଧ ଅନୁଦାନ', ଯାହା ପାନୀୟ ଜଳ ଏବଂ ପରିମଳ ସମ୍ପର୍କିତ କାର୍ଯ୍ୟ ପାଇଁ ବିନିଯୋଗ କରାଯିବ।

## ରାଜ୍ୟ ଅର୍ଥ ଆୟୋଗ

ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ, ଷଷ୍ଠ ରାଜ୍ୟ ଅର୍ଥ କମିଶନ ଅଧୀନରେ ମୋଟ **୪୮୮୩ କୋଟି ୯୨ ଲକ୍ଷ** ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରଖା ଯାଇଛି।

ତନ୍ମଧ୍ୟରୁ , ୬ଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ହସ୍ତାନ୍ତର ଅନୁଦାନ ବାବଦରେ ମୋଟ ୨୦୩୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି ।ଏହି ଅନୁଦାନ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ମଧ୍ୟରେ ୬୦:୩୦:୧୦ ଅନୁପାତରେ ବଣ୍ଟନ କରାଯିବ।

୨୦୨୬-୨୭ ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି ମାନଙ୍କର ପାରିତୋଷିକ, ବୈଠକି ଭତ୍ତା, ଦୈନିକ ଭତ୍ତା ପ୍ରଦାନ ନିମନ୍ତେ **୨୮୦ କୋଟି** ଏବଂ **ବେତନ ଓ ପ୍ରଶାସନିକ ଖର୍ଚ୍ଚ** ନିମନ୍ତେ **୧୫୧୬.୨୧ କୋଟି** ଟଙ୍କା ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ, ୬ଷ୍ଠ ରାଜ୍ୟ ଅର୍ଥ କମିଶନ ସହାୟକ ଅନୁଦାନ ଅଧୀନରେ ନିମ୍ନ ଲିଖିତ ବଜେଟ୍ ବ୍ୟବସ୍ଥା କରାଯାଇଛି।

- ରାଜସ୍ୱ ବୃଦ୍ଧି ପାଇଁ ପୁଞ୍ଜି ସମ୍ପତ୍ତି ସୃଷ୍ଟି : ୨୦୩.୮୨ କୋଟି ଟଙ୍କା
- ପୁଞ୍ଜି ସମ୍ପତ୍ତିର ରକ୍ଷଣାବେକ୍ଷଣ: ୧୦୮.୭୦ କୋଟି ଟଙ୍କା
- LED ଷ୍ଟ୍ରିଟ୍ ଲାଇଟ୍/ ହାଇ ମାଷ୍ଟ ଲାଇଟ୍ ବ୍ୟବସ୍ଥା: ୫୭.୭୫ କୋଟି ଟଙ୍କା
- ଜଳାଶୟର ପୁନରୁଦ୍ଧାର ଏବଂ ଇକୋ /ଜୈବ ବିବିଧତା ପାର୍କର ବିକାଶ : ୬୫.୨୭ କୋଟି ଟଙ୍କା
- ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କିମ୍ବା ନିଜସ୍ୱ ଗୃହ ନଥିବା ଗ୍ରାମ ପଞ୍ଚାୟତଗୁଡ଼ିକ ପାଇଁ ନୂତନ ପଞ୍ଚାୟତ ଭବନ ନିର୍ମାଣ: ୨୦୦ କୋଟି ଟଙ୍କା
- ମେଗା ପାନୀୟ ଜଳ ପ୍ରକଳ୍ପରେ ଗ୍ରିଡ୍ ସଂଯୁକ୍ତ ସୌ ର ଶକ୍ତି ବ୍ୟ ବସ୍ଥା: ୨୮ କୋଟି ଟଙ୍କା
- SVS (Single Village Scheme) ପ୍ରକଳ୍ପରେ ଇନଲାଇନ୍ କ୍ଲୋରିନେସନ : ୧୦.୫୧ କୋଟି ଟଙ୍କା

- SVS ପ୍ରକଳ୍ପରେ ବୈଷୟିକ ଜ୍ଞାନକୌଶଳ ଭିତ୍ତିକ IoT ଉପକରଣ ବ୍ୟବହାର: ୨୦.୦୬ କୋଟି ଟଙ୍କା
- PWS (Piped Water Supply) ପ୍ରକଳ୍ପରେ ଲୌହ ନିଷ୍କାସନ ପ୍ଲାଣ୍ଟ (Iron Removal Plant): ୧୩.୨୫ କୋଟି ଟଙ୍କା
- ପ୍ରଦର୍ଶନ ଓ ତାଲିମ ପାଇଁ ଆଦର୍ଶ ମତ୍ସ୍ୟ ଚାଷ ପୋଖରୀ: ୧୩.୮୨ କୋଟି ଟଙ୍କା
- ଅଙ୍ଗନୱାଡି କେନ୍ଦ୍ର (AWC) ପାଇଁ ସୁବିଧା ସୁଯୋଗ ସୃଷ୍ଟି : ୬୮.୫୧ କୋଟି ଟଙ୍କା
- ଗ୍ରାମ ପଞ୍ଚାୟତଗୁଡ଼ିକରେ IT ଭିତ୍ତିଭୂମି: ୧୩.୫୯ କୋଟି ଟଙ୍କା
- ଜିଲ୍ଲା ପଞ୍ଚାୟତ ସମ୍ବଳ କେନ୍ଦ୍ର (DPRC) ପାଇଁ ହଷ୍ଟେଲ ନିର୍ମାଣ : ୧୩ କୋଟି ଟଙ୍କା
- ସେନ୍ସସ୍ ଟାଉନ୍ (Census Town) ପଞ୍ଚାୟତଗୁଡ଼ିକ ପାଇଁ ଭିତ୍ତିଭୂମି ବିକାଶ ଓ ସୁବିଧା ସୁଯୋଗ: ୩୪.୮୦ କୋଟି ଟଙ୍କା
- ପର୍ଯ୍ୟଟନ ଭିତ୍ତିକ ଗ୍ରାମ ପଞ୍ଚାୟତଗୁଡ଼ିକରେ ପରିମଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନା : ୭.୫୨ କୋଟି ଟଙ୍କା
- ସେନ୍ସସ୍ ଟାଉନ୍ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି - ୬.୪୦ କୋଟି ଟଙ୍କା
- ସଡକ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ (out of M.V tax & petroleum tax)- ୧୪୩.୭୧ କୋଟି ଟଙ୍କା

<u>୬ଷ୍ଠ ରାଜ୍ୟ ଅର୍ଥ କମିଶନ ମାନବ ସମ୍ବଳ ବିକାଶ ପାଣ୍ଠି</u>

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ , ୬ଷ୍ଠ ରାଜ୍ୟ ଅର୍ଥ କମିଶନ (6th State Finance Commission) ଅଧିନସ୍ତ ମାନବ ସମ୍ବଳ ବିକାଶ ପାଣ୍ଠି (HRD Fund) ନିମନ୍ତେ ନିମ୍ନ ଲିଖିତ ବଜେଟ୍ ବ୍ୟବସ୍ଥା କରାଯାଇଛି ।

- ବୃତ୍ତିଗତ ସେବା- ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ପିଏମୟୁ – ୬.୬୦ କୋଟି ଟଙ୍କା
- ବୃତ୍ତିଗତ ସେବା- ଅନ୍ୟ ବୃତ୍ତିଗତ ସେବା – ୩.୪୦ କୋଟି ଟଙ୍କା
- ତାଲିମ ଏବଂ ଦକ୍ଷତା ବିକାଶ – ନିର୍ବାଚିତ ସଦସ୍ୟଙ୍କ କ୍ଷେତ୍ରିୟ ପରିଦର୍ଶନ - ୧୦ କୋଟି ଟଙ୍କା
- ତାଲିମ ଏବଂ ଦକ୍ଷତା ବିକାଶ - ରାଜ୍ୟ ଭିତରେ ଏବଂ ବାହାରେ ପ୍ରଶିକ୍ଷଣ - ୪ କୋଟି ଟଙ୍କା
- ଇ-ଗଭର୍ଣ୍ଣାନ୍ସ ପଦକ୍ଷେପ - ୨୦ କୋଟି ଟଙ୍କା
- ଇ-ଗଭର୍ଣ୍ଣାନ୍ସ -AI ଓଡ଼ିଆ ଚାଟବଟ୍- ୫ କୋଟି ଟଙ୍କା

ଅଧିକନ୍ତୁ , ୨୦୨୬-୨୭ ଆର୍ଥିକ ବର୍ଷରେ ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ ୪୧୩.୬୪ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଅଛି ।

- ଆବାସିକ କୋଠାବାଡି ରକ୍ଷଣାବେକ୍ଷଣ –୧୫ କୋଟି ଟଙ୍କା

- ଅଣ-ଆବାସିକ କୋଠାବାଡି ରକ୍ଷଣାବେକ୍ଷଣ – ୨୦  କୋଟି ଟଙ୍କା
- ରାସ୍ତା ଓ ପୋଲର ରକ୍ଷଣାବେକ୍ଷଣ – ୭୦ କୋଟି ଟଙ୍କା
- ବିଦ୍ୟାଳୟ ଗୃହ ରକ୍ଷଣାବେକ୍ଷଣ- ୧୯୦   କୋଟି ଟଙ୍କା
- ସ୍ୱାସ୍ଥ୍ୟକେନ୍ଦ୍ର ରକ୍ଷଣାବେକ୍ଷଣ- ୧୦  କୋଟି ୩ ଲକ୍ଷ ଟଙ୍କା
- ଅଙ୍ଗନବାଡି କେନ୍ଦ୍ର ରକ୍ଷଣାବେକ୍ଷଣ- ୭୪ କୋଟି ଟଙ୍କା
- ପଶୁଧନ ଚିକିତ୍ସାକେନ୍ଦ୍ର ରକ୍ଷଣାବେକ୍ଷଣ- ୯ କୋଟି ୬୧ ଲକ୍ଷ ଟଙ୍କା
- ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ର ରକ୍ଷଣାବେକ୍ଷଣ -୨୫ କୋଟି ଟଙ୍କା